# Akashvani, Sambalpur

## SAMBALPURI NEWS BULLETIN

### 3 September 2025 - 6.47- 6.52 am.

********************************************

ମୁଖ୍ୟମନ୍ତ୍ରୀ- ନୂଆଦିଲ୍ଲୀ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଦିଲ୍ଲୀ ନ ଆଏଜ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ନୂଆଦିଲ୍ଲୀ ଓଡ଼ିଶା ନିବାସ୍ ନ ଓମ୍‌ଫେଡ୍ କାଫେ ଆର୍ କୋରାପୁଟ୍ କଫି କାଫେର୍ ଉଦ୍‌ଘାଟନ୍ କର୍‌ବେ । ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍, ଅନୁସୂଚିତ ଜାତି ଆଉ ଜନଜାତି ଉନ୍ନୟନ୍, ସଂଖ୍ୟାଲଘୁ ଆଉ ପଛୁଆବର୍ଗ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଓଡ଼ିଶା ନିବାସ୍ ନ କାଫେ ମାନ୍‌କର୍ ଉଦ୍‌ଘାଟନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ଦୁହି ବିଭାଗ୍‌ର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଉ ଗୋକୁଳାନନ୍ଦ ମଲ୍ଲିକ୍ ଭିଲ୍ ଉପସ୍ଥିତ୍ ରହେବେ ।

ରାଜ୍ୟପାଲ୍- ଦୁଗ୍ଧ ଉତ୍ପାଦନ୍ I&PR

ଓଡ଼ିଶା ନ ଦୁଗ୍ଧ ଉତ୍ପାଦନ୍ ବଢ଼ାବାର୍ ଲାଗି ଦୁଗ୍ଧ ଚାଷୀମାନ୍‌କୁ ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନା ସଙ୍ଗେ ଅଏତ୍‌କା ନୁ ଅଏତ୍‌କା ଜୁଡ଼୍‌ବାର୍

ଉପ୍‌ରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଜୋର୍ ଦେଇଛନ୍ । ଗଲାକାଏଲ୍ କଟକ୍ ଜିଲ୍ଲାର୍ ଗୋବିନ୍ଦ୍‌ପୁର୍ ଠାନେ ଓମ୍‌ଫେଡ୍ ଦୁଗ୍ଧ ପ୍ରକ୍ରିୟାକରଣ କାର୍‌ଖାନା ପରିଦର୍ଶନ୍ କରିକରି ରାଜ୍ୟପାଲ୍ କହିଛନ୍, ଦୁଗ୍ଧ ଚାଷୀମାନ୍‌କର୍ କାମ୍‌କେ ଆହୁରି ବଢ଼ାବାର୍‌କେ ବେଙ୍କ୍‌ରଣର ଦର୍‌କାର୍ ଅଛେ । ଇଥିର୍‌ଲାଗି ବେଙ୍କ୍‌ମାନ୍‌କର୍ ସଙ୍ଗେ ତାଲ୍‌ମେଲ୍ ରଖିକରି ଚାଷୀମାନ୍‌କୁ ରଣ ସୁନିର୍ଶ୍ଚିତ୍ କର୍‌ବାର୍ ଲାଗି ରାଜ୍ୟପାଲ୍ ବିଭାଗୀୟ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା ୮ ତାରିଖ୍ ଦିନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ଶିବିର୍ ଲାଗି ଆଏଜ୍ ଦିନର୍ ୧୧ ବଜେନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ମୁଲ୍ ହେବା । ଇଥିର୍‌ଲାଗି ଆଗ୍ରହୀ ଲୁକେ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ପୋର୍ଟାଲ୍ janasunani.odisha.gov.in ଥି ନାହେଲେ ମୋବାଇଲ୍ ଆପ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ।

ମେଡ଼ିକାଲ୍ କଲେଜ-ପାଠ୍‌ପଢ଼ା I&PR

ତାଲ୍‌ଚେର୍‌ର ପବିତ୍ର ମୋହନ୍ ମେଡ଼ିକାଲ୍ କଲେଜ୍ ଆଉ ଫୁଲ୍‌ବାଣୀ ମେଡ଼ିକାଲ୍ କଲେଜ୍ ନ ୨୦୨୫ -୨୬ ଶିକ୍ଷା ବଛର୍‌ନୁ ପାଠ୍‌ପଢ଼ା ମୁଲ୍ ହେବା । ଜାତୀୟ ମେଡ଼ିକାଲ୍ କମିଶନ୍ ତର୍‌ଫୁ ଇ କଲେଜ୍ ମାନ୍‌କେ ଶହେଟା ଲେଖା ସିଟ୍‌କେ ମଞ୍ଜୁରୀ ମିଲିଛେ । ଇ ବାବ୍‌ଦେ କିଛି ଦିନ୍ ଆଗ୍‌ରୁ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ କେନ୍ଦ୍ର ସର୍‌କାର୍‌ଙ୍କୁ ଅନୁରୋଧ୍ କରାଯାଇଥିଲା ।  ମାଝୀ ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରଥି ଓଡ଼ିଶା ଆଉ ଗୁଟେ ମାଇଲ୍‌ଖୁଂଟା କରିପାରିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ କହିଛନ୍ ।

ଅଙ୍ଗନବାଡ଼ି - ଚିନି ବୋର୍ଡ଼ I&PR

ଚିନିର୍ ମାତ୍ରାଧିକ୍ ବେଭାର୍‌କେ କମ୍ କର୍‌ବାର୍ ସହେତେ ପୁଷ୍ଟିକର୍ ଖାନ୍‌ପାନ୍‌କେ ତହଁକାବାର୍ ଲାଗି ରାଜ୍ୟ ସର୍‌କାର୍ ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କୁ ଚିନି ବୋର୍ଡ଼ ଥାପ୍‌ନା କର୍‌ବେ । ଇଟାର୍ ଜରିଏ ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କେ ମାତ୍ରାଧିକ୍ ଚିନି ବେଭାର୍ ଲାଗି ଶରୀର୍‌ଥି ପଡୁଥିବା ଖରାପ୍ ପ୍ରଭାବ୍ ବାବ୍‌ଦେ ସୂଚ୍‌ନା ଦିଆଯିବା ।

ଅନୁ ଗର୍ଗ -ଜାତି ଜନଜାତି ବିଭାଗ୍ ସମୀକ୍ଷା I&PR

ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଅନୁସୂଚିତ ଜାତି, ଜନଜାତି ଆଉ ପଛୁଆ ବର୍ଗ କଲ୍ୟାଣ୍ ବିଭାଗ୍‌ର ୨ ଟା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଉନ୍ନୟନ୍ କାମ୍ ମାନ୍‌କର୍ ସମୀକ୍ଷା କରିଛନ୍ । ପହେଲା ବୈଠକ୍‌ଥି ଜନଜାତି ଇଲାକାର୍ ଉନ୍ନୟନ୍ କାମ୍‌ର ଶହେ ୭୮ କୋଟି ଟଙ୍କାର୍ ପ୍ରକଳ୍ପର ଅନୁମୋଦନ୍ କରାଯାଇକରି କେନ୍ଦ୍ର ସର୍‌କାର୍‌ଙ୍କୁ ସୁପାରିଶ୍ କର୍‌ବାର୍‌କେ ପ୍ରସ୍ତାବ୍ ଗ୍ରହଣ୍ କରାଯାଇଥିଲା ।  ୨ ନମ୍ବର୍ ବୈଠକ୍ ମୁଖ୍ୟମନ୍ତ୍ରୀ ଜନାଜାତି ଜୀବିକା ମିଶନ୍‌ର ରାଜ୍ୟସ୍ତରୀୟ ଷ୍ଟିଅରିଂ କମିଟି ଗଲା ୨ ବଛର୍ ଭିତ୍‌ରେ କାର୍ଯ୍ୟକାରୀ ହେଇଥିବା ରାଜ୍ୟ କ୍ଷେତ୍ର ଜୀବିକା ନିର୍ବାହ ଯୋଜ୍‌ନାର୍ କାମ୍ ମାନ୍‌କର୍ ସମୀକ୍ଷା କରିଛନ୍ । ବୈଠକ୍‌ଥି ୨ ଶହ ୨୫ କୋଟି ଟଙ୍କାର୍ ବାର୍ଷିକ ଯୋଜ୍‌ନା ମଞ୍ଜୁର୍ କରାଯାଇଛେ ।

ଜଲ୍‌ସେଚନ୍ ପ୍ରକଳ୍ପ-ସମୀକ୍ଷା I&PR

ରାଜ୍ୟର୍ ଜଲ୍‌ସେଚନ୍ ପ୍ରକଳ୍ପ ମାନ୍‌କର୍ ଜଲ୍‌ସେଚନ୍ କ୍ଷମତା ଆଉ ଜଲ୍ ପରିଚାଲନା ବ୍ୟବସ୍ଥାର୍ ଆଧୁନିକୀକରଣ୍ କର୍‌ବାର୍ ଲାଗି ଉନ୍ନୟନ୍ କମିଶନର୍ ଆଉ ଜଲ୍‌ସମ୍ପଦ୍ ବିଭାଗ୍‌ର ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି

ରାଜ୍ୟର୍ ୫ ଟା ବୃହତ୍, ୧୫ ଟା ମଧ୍ୟମ୍ ଆଉ ଶହେଟା ଛୋଟ୍ ଜଲ୍ସେଚନ୍ ପ୍ରକଳ୍ପର୍ ଉନ୍ନତିକରଣ୍ ଲାଗି ଜୋର୍ ଦିଆଯାଇଥିଲା ।

ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ନ ମୌଳିକ ସାକ୍ଷରତା ଆଉ ସଂଖ୍ୟାଜ୍ଞାନ ଅଧୀନ୍ଥି ଜିଲ୍ଲା ଷ୍ଟିଅରିଂ କମିଟି ବୈଠକ୍ ହେଇଯାଇଛେ । ବୈଠକ୍ଥି ମୌଳିକ ସାକ୍ଷରତା ଆଉ ସଂଖ୍ୟାଜ୍ଞାନର କାର୍ଯ୍ୟକଳାପ୍ ବାବ୍ଦେ ଆଲୋଚନା କରାଯାଇଥିଲା । ଇତାର୍ ଲକ୍ଷ୍ୟ ଭିନ୍ ଭିନ୍ କାର୍ଯ୍ୟକ୍ରମ୍, ଫିଁ' ମାସ ଓରିଏଂଟସନ୍ କାର୍ଯ୍ୟକ୍ରମ୍ର ବିଷୟବସ୍ତୁ, ଶ୍ରେଣୀ ପର୍ଯ୍ୟବେକ୍ଷଣ, ପ୍ରଗତି ମଡ୍ୟୁଲ୍ ବାବ୍ଦେ ଆଲୋଚନା କରାଯାଇଥିଲା ।

ଆଦିକର୍ମଯୋଗୀ ଅଭିଯାନ ନୂଆପଡ଼ା ସମ୍ବାଦଦାତା

ଆଦିବାସୀ ମାନ୍କର୍ ସର୍ବାଙ୍ଗିନ ଉନ୍ନତି ଲାଗି କେନ୍ଦ୍ର ସର୍କାର୍ଙ୍କର୍ ତର୍ଫୁ ଖୋବ୍ ଜଲ୍ଦି ଆଦିକର୍ମଯୋଗୀ ଅଭିଯାନ୍ ମୁଲ୍ ହେବାର୍କେ ଯାଉଛେ । ଅଭିଯାନ୍କେ ନୂଆପଡ଼ା ଜିଲ୍ଲା ନ କାର୍ଯ୍ୟକାରୀ କର୍ବାର୍ ଲାଗି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଗୁଟେ ଦିଶା ନିର୍ଦ୍ଦେଶ୍ ବୈଠକ୍ ହେଇଯାଇଛେ । ସୂଚ୍ନା ଅନ୍ସାରେ ନୂଆପଡ଼ା

ଜିଲ୍ଲାର୍ ୨ ଶହ ୬୦ ଟା ଆଦିବାସୀ ଗାଁ ନ ଇ ଆଦିକର୍ମଯୋଗୀ ଅଭିଯାନ୍ କାର୍ଯ୍ୟକାରୀ କରାଯିବା ।

ନୋଡ଼ାଲ୍ ଅଧିକାରୀ ଗସ୍ତ ସୁବର୍ଣ୍ଣପୁର୍ ସମ୍ବାଦଦାତା

ଉଚ୍ଚଶିକ୍ଷା ବିଭାଗ୍ ଶାସନ୍ ସଚିବ ଆଉ ସୁବର୍ଣ୍ଣପୁର୍ ଜିଲ୍ଲା ନୋଡ଼ାଲ୍ ଆୟୁକ୍ତ ଅରବିନ୍ଦ ଅଗ୍ରୱାଲ୍ ଗସ୍ତର୍ ୨ ନମ୍ବର୍ ଦିନେ ଗଲାକାଏଲ୍ ଜିଲ୍ଲା ନ ଭିନ୍ ଭିନ୍ କାମ୍ର ସମୀକ୍ଷା କରିଛନ୍ । ସହରେ ମିଶନ୍ ଶକ୍ତି ଆଉ ଓର୍ମାସ୍ ତର୍ଫୁ ପରିଚାଳିତ୍ ସମ୍ବଲପୁରୀ ଆର୍ ପାଟ ବୁନ୍ବାର୍ ତାଲିମ୍ କେନ୍ଦ୍ର ପରିଦର୍ଶନ୍ କରିଥିଲେ । ସେନ ତାଲିମ୍ ନଉଥିବା ବୁଣାକାର୍ ଆର୍ କମ୍ପାନୀର୍ ସଦସ୍ୟ ମାନ୍କର୍ ସାଙ୍ଗେ ଆଲୋଚନା କରିଥିଲେ । ତାର୍ ଉତ୍ରୁ ପଂଚାୟତ୍ ସମିତି ତର୍ଫୁ ହେଇଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର୍କେ ବୁଲି ଦେଖିଥିଲେ । ସୁବର୍ଣ୍ଣପୁର୍ ମୋଡ଼େଲ୍ ଡିଗ୍ରୀ କଲେଜ୍, ବିନ୍କା ପଂଚାୟତ୍ ସମିତି ଅନ୍ତର୍ଗତ୍ ଚର୍ଦା ଠାନେ ଥିବା ଗ୍ରାମୀଣ ଶିଳ୍ପ ଉଦ୍ୟାନ୍ ସହେତେ ଭିନ୍ ଭିନ୍ ଜାଗାକେ ବୁଲି ଦେଖିଥିଲେ ।

ହକି ଏସିଆକପ ଆର୍ଏନ୍ୟୁ/ ସମ୍ବଲପୁର

ବିହାର୍‌ର ରାଜ୍‌ଗିର୍ ଠାନେ ଚାଲିଥିବା ହକି ଏସିଆକପ୍ ୨୦୨୫ ର ସୁପର୍ ଫୋର୍ ରାଉଣ୍ଡ୍ ଆଏଜ୍‌ଠାନୁ ମୁଲ୍ ହେବା । ଆଏଜ୍ ହେବାର୍‌କେ ଥିବା ୨ ଟା ମେଚ୍ ଭିତ୍‌ରୁ ପହେଲା ମେଚ୍‌ଥି ଭାରତ୍ ଦଲ୍ ଦକ୍ଷିଣ୍ କୋରିଆ ଦଲ୍‌କେ ଭେଟ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଲଘୁଚାପ୍ ଆଏଜ୍ ଓଡ଼ିଶା ସମୁଦ୍ରଖଁଡ଼ି ପାର୍ କର୍‌ବା । ଇତାର୍‌ବଲେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ୍‌ଘଡ଼ି ସହେତେ ବର୍ଷା ହେଇପାରେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍ ନ ଘଡ୍‌ଘଡ଼ି ସହେତେ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।